Candidate must not write on this margin.

# CSM-35/23

## PART—II/PAPER—VII

## GEOGRAPHY

## ଭୂଗୋଳ

## PAPER—II

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The question paper contains* **18 (Eighteen)** *questions in* **GROUP—A, (12)** *and* **GROUP—B, (06)** *together.*

ପ୍ରତ୍ୟେକ ପ୍ରଶ୍ନପତ୍ରରେ **GROUP—A, (12)** ଏବଂ **GROUP—B, (06)**କୁ ମିଶାଇ **18**ଟି ପ୍ରଶ୍ନ ରହିଛି।

### GROUP—A

### ଗ୍ରୁପ୍—A

*Candidates to attempt* **10 (ten)** *questions within word limit of* **250**. *Each question carries* **15** *marks.*

ପରୀକ୍ଷାର୍ଥୀମାନେ **୧୦**ଟି ପ୍ରଶ୍ନ **୨୫୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ। ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୧୫** ମାର୍କ।

**1.** Elucidate the regional disparities in the distribution of mineral resources in India. How do you bring equitable development to that scenario taking Odisha as an example?

ଭାରତରେ ଖଣିଜ ସମ୍ବଳ ବିତରଣ ଦିଗରେ ଥିବା ଆଞ୍ଚଳିକ ବୈଷମ୍ୟ ପ୍ରସଙ୍ଗରେ ଆଲୋକପାତ କର। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ ଏକ ଉଦାହରଣ ଭାବେ ନେଇ ତୁମେ କିପରି ନ୍ୟାୟସଙ୍ଗତ (equitable) ବିକାଶ ଆଣିପାରିବ, ଆଲୋଚନା କର।

**2.** Comment on the linking of rivers in India with special reference to Odisha. What are the sustainable measures that need to be taken for water resource management in India?

ସ୍ୱତନ୍ତ୍ର ଭାବେ ଓଡ଼ିଶାକୁ ଦୃଷ୍ଟିରେ ରଖି ଭାରତରେ ନଦୀଗୁଡ଼ିକର ସଂଯୋଗ ସମ୍ବନ୍ଧରେ ଆଲୋଚନା କର। ଭାରତରେ ଜଳସମ୍ପଦ ପରିଚାଳନା ପାଇଁ କେଉଁ ଉତ୍କୃଷ୍ଟ ପଦକ୍ଷେପ ଆବଶ୍ୟକ ଦର୍ଶାଅ।

Candidate must not write on this margin.

**3.** Examine the influence of tropical cyclones and western disturbances on rainfall distribution in India. How does climate change affect India's rainfall patterns? Discuss.

ଗ୍ରୀଷ୍ମମଣ୍ଡଳ ସମ୍ବନ୍ଧୀୟ ବାତ୍ୟା ଏବଂ ପଶ୍ଚିମା ପ୍ରତିବନ୍ଧକ କିପରି ଭାରତରେ ବୃଷ୍ଟିପାତ ବିତରଣ କୁ ପ୍ରଭାବିତ କରେ? ଜଳବାୟୁ ପରିବର୍ତ୍ତନ କିପରି ଭାରତର ବୃଷ୍ଟିପାତ ସ୍ତରକୁ ପ୍ରଭାବିତ କରେ ଆଲୋଚନା କର।

**4.** Distinguish between climatic regions and agro-climatic regions in detail. Which one of them will be helpful for regional development in India? Explain with suitable examples.

ଜଳବାୟୁ ସମ୍ବନ୍ଧୀୟ ଅଞ୍ଚଳ ଏବଂ କୃଷି-ଜଳବାୟୁ ସମ୍ବନ୍ଧୀୟ ଅଞ୍ଚଳ ଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦ ବିସ୍ତୃତ ଭାବରେ ଆଲୋଚନା କର। ଭାରତରେ ଆଞ୍ଚଳିକ ବିକାଶ ପାଇଁ କେଉଁଟି ଅଧିକ ସହାୟକ ଉପଯୁକ୍ତ ଦୃଷ୍ଟାନ୍ତ ମାଧ୍ୟମରେ ବୁଝାଇ ଲେଖ।

**5.** Describe the soil types of India in detail. What are the practices adopted in India to conserve soil resources?

ଭାରତର ମୃତ୍ତିକାର ପ୍ରକାରଭେଦ ସମ୍ପର୍କରେ ବିସ୍ତୃତ ଭାବରେ ଆଲୋଚନା କର। ମୃତ୍ତିକା ସମ୍ବଳର ସଂରକ୍ଷଣ ନିମନ୍ତେ ଭାରତରେ କିପରି ବ୍ୟବସ୍ଥା ଅବଲମ୍ବନ କରାଯାଇଛି, ଦର୍ଶାଅ।

**6.** Analyze the impact of India's Green, Blue and White revolutions separately. Will an integrated farming bring any new revolution in the future? Discuss.

ଭାରତର ସବୁଜ, ନୀଳ ଏବଂ ଶ୍ୱେତ ବିପ୍ଳବ ର ପ୍ରଭାବ ପୃଥକ ଭାବରେ ବିଶ୍ଳେଷଣ କର। ଏକୀଭୂତ କୃଷି (integrated farming) ଭାରତରେ ଭବିଷ୍ୟତରେ ନୂତନବିପ୍ଳବ ଆଣିବାରେ କେତେଦୂର ସମର୍ଥ ହେବ, ଆଲୋଚନା କର।

**7.** Do you think location factors play a critical role in establishing industries? Justify your answer in the light of establishing SEZ in India with suitable examples.

ଶିଳ୍ପ ପ୍ରତିଷ୍ଠା ଦିଗରେ ସ୍ଥାନନିରୂପଣର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କି? ଭାରତରେ ଏସ.ଇ.ଜେଡ (SEZ) ପ୍ରତିଷ୍ଠା ସମ୍ବନ୍ଧରେ ଉପଯୁକ୍ତ ଦୃଷ୍ଟାନ୍ତ ପ୍ରଦାନ କରି ନିଜର ଅଭିମତ ଉପସ୍ଥାପନ କର।

**8.** *"Land, Water and Air transportation systems are complementary to each other in regional development"* — Do you agree with this statement? Elaborate your answer with suitable examples.

*"ଆଞ୍ଚଳିକ ବିକାଶ ପାଇଁ ସ୍ଥଳ, ଜଳ ଏବଂ ଆକାଶ ପରିବହନ ପଦ୍ଧତି ପରସ୍ପର ସହିତ ଜଡ଼ିତ"* — ଏହି ଉକ୍ତି ସହିତ ତୁମେ ସମ୍ମତ କି? ଉପଯୁକ୍ତ ଦୃଷ୍ଟାନ୍ତ ମାଧ୍ୟମରେ ତୁମର ମତାମତ ବୁଝାଇଲେଖ।

**9.** How does communication technology play a vital role in a country's economic development? Justify your answer. Will the applications of AI contribute to sustainable development?

ଦେଶର ଅର୍ଥନୈତିକ ବିକାଶ ଦିଗରେ ଯୋଗାଯୋଗ ପ୍ରବିଧିବିଜ୍ଞାନ ର କିପରି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବିଚାର କର। AI ବ୍ୟବହାର ଦ୍ୱାରା ଉତ୍ସାହଜନକ ବିକାଶ ସମ୍ଭବ କି?

**10.** Critically assess the location of India at the head of the Indian Ocean from a strategic point of view and discuss the geopolitical significance of the Indian Ocean in detail.

ଯୁଦ୍ଧକୌଶଳ ଦୃଷ୍ଟିରୁ ଭାରତ ମହାସାଗର ଶୀର୍ଷରେ ଭାରତର ସ୍ଥାନ ନିରୂପଣ କୁ ସମାଲୋଚନା ପୂର୍ବକ ନିର୍ଦ୍ଧାରଣ କର। ଭାରତମହାସାଗର ର ଜିଓପଲିଟିକାଲ (geopolitical) ଗୁରୁତ୍ୱ ସମ୍ବନ୍ଧରେ ଆଲୋଚନା କର।

**11.** How can we ensure food security for the ever-increasing Indian population? Discuss the ways and means in detail.

ଦିନକୁ ଦିନ ବୃଦ୍ଧିପାଇଥିବା ଭାରତୀୟ ଜନ ସଂଖ୍ୟା ପାଇଁ ଆମେ କିପରି ଖାଦ୍ୟ ସୁରକ୍ଷା ଦେଇପାରିବା? ଏହାର ଉପାୟ ଓ ମାଧ୍ୟମ ସମ୍ବନ୍ଧରେ ବିସ୍ତୃତ ଭାବରେ ଆଲୋଚନା କର।

**12.** Discuss the role of regional planning in India's comprehensive development. Are Five-Year Plans still necessary and do they contribute to planned development in India?

ଭାରତର ବ୍ୟାପକ ବିକାଶ ଦିଗରେ ଆଞ୍ଚଳିକ ଯୋଜନାର ଭୂମିକା ସମ୍ବନ୍ଧରେ ଆଲୋଚନା କର। ପଞ୍ଚବାର୍ଷିକ ଯୋଜନା ଏବେ ମଧ୍ୟ ଆବଶ୍ୟକ କି? ଭାରତର ଯୋଜନାବଦ୍ଧ ବିକାଶ ପାଇଁ ଏହାର ଆବଶ୍ୟକତା ଅଛି କି?

**Candidate must not write on this margin.**

Candidate must not write on this margin.

## GROUP—B

## ଗ୍ରୁପ୍—B

*Candidates to attempt* **05 *(five)*** *questions within word limit of* **300**.
*Each question carries* **20** *marks.*

ପରୀକ୍ଷାର୍ଥୀମାନେ **୦୫**ଟି ପ୍ରଶ୍ନ **୩୦୦** ଶବ୍ଦ ମଧ୍ୟରେ ଉତ୍ତର ଦେବେ।
ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **୨୦** ମାର୍କ।

**13.** Describe the disasters that occurred in India over the last decade. Do you believe there have been improvements in disaster management due to disaster risk reduction initiatives by local governments? Provide relevant examples with special reference to Odisha.

ବିଗତ ଦଶକରେ ଭାରତରେ କେଉଁ ବିପର୍ଯ୍ୟୟ ଘଟିଥିଲା ବର୍ଣ୍ଣନା କର। ଓଡ଼ିଶାକୁ ସ୍ୱତନ୍ତ୍ର ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ପ୍ରାକୃତିକ ବିପର୍ଯ୍ୟୟର କ୍ଷତି ହ୍ରାସ ପାଇଁ ନେଇଥିବା ପଦକ୍ଷେପ ଯୋଗୁ ବିପର୍ଯ୍ୟୟ ପରିଚାଳନାରେ ଉନ୍ନତି ଘଟିଛି ବୋଲି ତୁମେ ବିଶ୍ୱାସ କର କି?

**14.** Will being the most populous country in the world along with its age structure, workforce, dependency ratio and longevity be a blessing or a curse for India?

ବିଶ୍ୱରେ ଶ୍ରେଷ୍ଠ ଜନବହୁଳ ଦେଶ ହେବା ସହିତ ଏହାର ବୟସ ଢ଼ାଞ୍ଚା, ଶ୍ରମଶକ୍ତି, ନିର୍ଭରଶୀଳତା ଅନୁପାତ ଏବଂ ଦୀର୍ଘଜୀବନ ବଞ୍ଚିବା ଭାରତପାଇଁ ଅଭିଶାପ ନା ଆର୍ଶୀବାଦ?

**15.** What is urban sprawl and what factors lead to it? Will restricting sprawl contribute to sustainable urban development in India? Explain.

ସହରୀ ଅନିୟମିତତା (urban sprawl) କହିଲେ କ'ଣ ବୁଝ? କେଉଁଥିପାଇଁ ଏହା ଘଟିଥାଏ? ଏହାକୁ ସୀମିତ କରିବାଦ୍ୱାରା ଭାରତରେ ଉତ୍ସହଜନକ ସହରୀବିକାଶ ସମ୍ଭବ ହୋଇପାରିବ କି? ବିଶ୍ଳେଷଣ କର।

**16.** Do inter-regional and intra-regional migration contribute to the development of slums? How does an inclusive development plan help slum development?

ଆନ୍ତଃ-ଆଞ୍ଚଳିକ ଏବଂ ଅନ୍ତର-କ୍ଷେତ୍ରୀୟ ଉପନିବେଶ (intra-regional migration) ଦ୍ୱାରା ବସ୍ତି (slum)ର ବିକାଶ ହେଉଛି କି? କେଉଁ ସମ୍ମିଳିତ ବିକାଶଯୋଜନା ଦ୍ୱାରା ବସ୍ତିର ବିକାଶ ହୋଇପାରିବ?

**Candidate must not write on this margin.**

**17.** Can watershed management be integrated with development programs in backward areas, desert and drought-prone regions and hilly or tribal areas to enhance land, water and human resource development and achieve overall growth? Comment on this with its advantages and disadvantages.

ଅନୁନ୍ନତ ଅଞ୍ଚଳ, ମରୁଭୂମି, ମରୁଡ଼ିପ୍ରବଣ ଅଞ୍ଚଳ ଏବଂ ପାର୍ବତ୍ୟ ତଥା ଜନଜାତିବହୁଳ ଅଞ୍ଚଳ ରେ ବିକାଶମୂଳକ କାର୍ଯକ୍ରମ ସହିତ ଜଳଛାୟା-ପରିଚାଳନା ଏକୀଭୂତ କରିପାରିଲେ ଜଳ, ସ୍ଥଳ ଏବଂ ମାନବସମ୍ବଳ ବିକାଶରେ ବୃଦ୍ଧି ସାଧିତ ହେବା ସହିତ ସାମଗ୍ରିକ ଉନ୍ନତି ସାଧିତ ହୋଇପାରିବ କି? ଏହାର ଉପକାରିତା ଏବଂ ଅପକାରିତା ଦର୍ଶାଇ ସ୍ୱମତ ଉପସ୍ଥାପନ କର।

**18.** What are the key factors contributing to environmental degradation in India and what strategies can be implemented to promote sustainable resource management?

ଭାରତରେ ପରିବେଶଗତ ଅବକ୍ଷୟ ପାଇଁ କେଉଁସବୁ କାରଣ ଦାୟୀ? ଏକ ଉତ୍ସାହଜନକ ସମ୍ବଳ ପରିଚାଳନା ପାଇଁ କେଉଁ ପଦକ୍ଷେପ ନେବା ଆବଶ୍ୟକ, ଦର୍ଶାଅ।

★★★

SPACE FOR ROUGH WORK

Candidate must not write on this margin.

SPACE FOR ROUGH WORK

Candidate must not write on this margin.

## SPACE FOR ROUGH WORK

Candidate must not write on this margin.